### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ ତାଟୋ ନିକଟସ୍ଥ ୨୨୦ନଂ.ଜାତୀୟ ରାଜପଥରେ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦୀପଙ୍କର ସାମନ୍ତ(୨୮)। ଏ ସଂକ୍ରାନ୍ତରେ କରଞ୍ଜିଆ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିଛି। ଦ୍ରୁତ ଗତିରେ ଯାଉଥିବା ଉକ୍ତ ବସ୍‌ଟି ଭାରସାମ୍ୟ ହରାଇ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଶିଶୁ ମୃତ

**ବାସୁଦେବପୁର,୧।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପାରାପୋଖରୀ ଓ ତିହିଡ଼ି ବ୍ଲକର ଏକଡ଼ାଳ ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ହୋଇଛି। ପାରାପୋଖରୀ ଗ୍ରାମର ସୂର୍ଯ୍ୟକାନ୍ତ ବଳଙ୍କ ଝିଅ ଉର୍ବରାଣୀ (୩) ନିଜ ମାମୁଁଘର ପଞ୍ଚଟିକ୍ରି ଗ୍ରାମକୁ ଯାଇଥିବା ବେଳେ ଅପରାହ୍ନରେ ପୋଖରୀରେ ବୁଡ଼ି ଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନା ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିଭଳି ତିହିଡ଼ି ବ୍ଲକ ଏକଡାଳ ଗ୍ରାମର ସୁବାସ ମଲିକଙ୍କ ପୁଅ ହରେକୃଷ୍ଣ (୮) ଶୌଚ ହେବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ଦୁଇ ଶିଶୁଙ୍କ ମୃତଦେହ ବାସୁଦେବପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖାଯାଇଛି।

### ଦମ୍ପତିଙ୍କ ଠାରୁ ଲୁଟ୍ ଉଦ୍ୟମ ବିଫଳ

**ଭଣ୍ଡାରିପୋଖରୀ, ୧।୧୧(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଡାହାଲା ଛକଠାରେ ଦମ୍ପତିଙ୍କଠାରୁ ଲୁଟ ଉଦ୍ୟମ ବିଫଳ ହୋଇଛି। ଯାଜପୁର ଜିଲା ବରୁହଁ ଅଞ୍ଚଳର ସବିତା ଦାସ ତାଙ୍କ ସ୍ୱାମୀ ଅଜୟଙ୍କ ସହିତ ମୋଟର ସାଇକେଲରେ ବାପ ଘର ନଲାଙ୍ଗ ଅଞ୍ଚଳକୁ ଯାଉଥିଲେ। ଡାହାଲା ଛକଠାରେ ଅନ୍ୟ ୨ଟି ବାଇକ୍‌ରେ ୩ଜଣ ଆସି ଉକ୍ତ ଦମ୍ପତିଙ୍କୁ ମାରଧର କରି ତାଙ୍କଠାରୁ ଟଙ୍କା ଓ ସୁନା ଅଳଙ୍କାର ଛଡ଼ାଇବା ପାଇଁ ମଧ୍ୟ ଉଦ୍ୟମ କରିଥିଲେ। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଲୁଟ ଉଦ୍ୟମ କରିଥିବା ୩ ବ୍ୟକ୍ତି ଫେରାର ହୋଇଯାଇଥିଲେ। ସବିତାଙ୍କ ଅଭିଯୋଗକୁ ଭିତ୍ତିକରି ଭଣ୍ଡାରିପୋଖରୀ ଥାନା ପୋଲିସ ଏକ ମାମଲା(ନଂ.୨୧୯/୨୦)ରୁଜୁ କରି ତଦନ୍ତ ଜାରି ରଖିଛି।

### ସାଇକେଲରେ ସଚେତନତା ବାର୍ତ୍ତା

**ଢେଙ୍କିକୋଟ,୧।୧୧(ଡି.ଏନ.ଏ.):** 'ଚରିତ୍ର ବଞ୍ଚାଅ, ପୃଥିବୀ ବଞ୍ଚାଅ' ସାଇକେଲ ସମ୍ମୁଖରେ କାଗଜରେ ଲେଖି ଗତ ୨୨ ତାରିଖରେ କଲିକତା ହାୱାର୍ଡ ମଇଦାନରୁ ଦୁଇ ଶିକ୍ଷକ ସୁକାନ୍ତ ମାଝୀ ଏବଂ ସୌମିକ ମାଇତି ସାଇକେଲ ଯୋଗେ ବାର୍ତ୍ତାବହ ହୋଇ ଜନସାଧାରଣଙ୍କୁ ସଚେତନ କରି ବାହାରିଥିଲେ। ସେମାନେ ବର୍ଦ୍ଧମାନ, ଦୁର୍ଗାପୁର, ପୁରୁଲିଆ ଦେଇ ରାଞ୍ଚି-ଛତିଶଗଡ଼ରେ ପହଞ୍ଚିଥିଲେ। ସେଠାରୁ ସମ୍ବଲପୁର ଦେବଗଡ଼ ଦେଇ ଦୀର୍ଘ ୩୦୦୦ କି.ମି. ଅତିକ୍ରମ କରି ରବିବାର କେନ୍ଦୁଝରର ଢେଙ୍କିକୋଟ ବଜାରରେ ପହଞ୍ଚିଥିଲେ। ସାଇକେଲ ଦୋକାନରେ ମରାମତି କରି ପୁନର୍ବାର ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥ ୨୨୦ ନମ୍ବର କରଞ୍ଜିଆ, ଯଶିପୁର, ବିଶୋଇ ଛକ ଦେଇ କଲିକତାରେ ୩ ତାରିଖରେ ପହଞ୍ଚିବେ ବୋଲି କହିଛନ୍ତି। ସୁକାନ୍ତ ମାଝୀ ଜଣେ ସୁଇମିଙ୍ଗ ଶିକ୍ଷକ ଥିବାବେଳେ ସୌମିକ ଜଣେ ଗଣିତ ଶିକ୍ଷକ ଭାବେ କାର୍ଯ୍ୟରତ।

# ପ୍ରଚାର ଶେଷ, ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

**ବାଲେଶ୍ୱର ଅଫିସ, ୧।୧୧**

ବାଲେଶ୍ୱର ଉପନିର୍ବାଚନ ଲାଗି ରବିବାର ଅପରାହ୍ନ ୫ଟାରୁ ପ୍ରଚାର ଶେଷ ହୋଇଛି। ବୁଥ୍‌ଗୁଡ଼ିକରେ ପୋଲିଂ ପାର୍ଟି ପହଞ୍ଚିଛନ୍ତି। ମହାମାରୀ କରୋନା ପାଇଁ ନିର୍ବାଚନମଣ୍ଡଳୀରେ ୧୯୮ ବୁଥ୍ ପରିବର୍ତ୍ତେ ୩୪୬ ବୁଥ୍ କରାଯାଇଛି। ପ୍ରତ୍ୟେକ ବୁଥ୍‌ରେ ୧ହଜାର ଭୋଟର ମତଦାନ କରିବାର ବ୍ୟବସ୍ଥା କରାଯାଇଛି। ଭୋଟ ଗ୍ରହଣ କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା ପାଇଁ ୧୮୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟେକ ବୁଥ୍‌ରେ ଜଣେ ପ୍ରିଜାଇଡ଼ିଂ ଅଫିସର, ଦୁଇଜଣ ସହକାରୀ ପ୍ରିଜାଇଡ଼ିଂ ଅଫିସର ନିୟୋଜିତ ହେବା ସହ ସୁରକ୍ଷା କାରଣରୁ ଜଣେ ଜଣେ କନଷ୍ଟେବଳର ବ୍ୟବସ୍ଥା କରାଯାଇଛି। ଏହି ଉପନିର୍ବାଚନରେ ୨୫୦ରୁ ଊର୍ଦ୍ଧ୍ୱ ଗାଡ଼ି ବ୍ୟବସ୍ଥା କରାଯାଇଛି। ମିଶନ



ମିଶନ୍ ପଡ଼ିଆରୁ ପୋଲିଂ ସାମଗ୍ରୀ ଧରି କର୍ମଚାରୀମାନେ ବୁଥ୍‌କୁ ଯାଉଛନ୍ତି।

ପଡ଼ିଆରୁ ସମସ୍ତ ଅଧିକାରୀ ଓ ନିର୍ବାଚନ ପାଇଁ ନିୟୋଜିତ କର୍ମଚାରୀଙ୍କୁ ଗାଡ଼ି ଯୋଗେ ବୁଥ୍‌ରେ ପହଞ୍ଚାଇବାର ବ୍ୟବସ୍ଥା ହୋଇଛି। ୩୪୬ଟି ବୁଥ୍ ମଧ୍ୟରୁ ସୁରକ୍ଷା ଦୃଷ୍ଟିକୋଣରୁ ୮୫ ବୁଥ୍‌କୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ୯ ପ୍ଲାଟୁନ ସେଣ୍ଟ୍ରାଲ ଫୋର୍ସ, ୨୦ପ୍ଲାଟୁନ ବାହାର ଜିଲାର ପୋଲିସ ଫୋର୍ସ, ଜିଲାରେ ଥିବା ୬ ପ୍ଲାଟୁନ ପୋଲିସ ଫୋର୍ସକୁ ମିଶାଇ ୩୫ ପ୍ଲାଟୁନ ଫୋର୍ସ ଉପନିର୍ବାଚନରେ ନିୟୋଜିତ କରାଯାଇଛି।

ଉପନିର୍ବାଚନ ପାଇଁ ୫ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପି, ୨୨ଜଣ ଇନ୍ସପେକ୍ଟର, ୧୫୨ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୮ଜଣ ହାବିଲଦାର, ଏପିଆର୍ ୧୬୨, ଓଆର୍ ୧୯୦କୁ ମିଶାଇ ମୋଟ୍ ୫୪୪ ନିୟୋଜିତ ହୋଇଛନ୍ତି। ସେହିପରି ୩୯ଜଣ ହୋମ୍‌ଗାର୍ଡ଼ ସାମିଲ ଅଛନ୍ତି। ସେମାନଙ୍କୁ ନେଇ ୩୧ ମୋବାଇଲ ସ୍କ୍ୱାଡ଼ ଗଠନ କରାଯାଇଛି। ୫ଟି ଫ୍ଲାଇଂ ସ୍କ୍ୱାଡ୍ ଓ ୪ଟି ଏସ୍କର୍ଟ ଟିମ୍ ଗଠନ କରାଯାଇ ବାହାରୁ ଆସୁଥିବା ଗାଡ଼ିଗୁଡ଼ିକ ଉପରେ ଜୋରଦାର ତଦନ୍ତ କରାଯାଉଛି। ମଦ କାରବାର ଉପରେ ଅଙ୍କୁଶ ଲଗାଇବା ସହ ୩ଶହରୁ ଊର୍ଦ୍ଧ୍ୱ ୱାରେଣ୍ଟିଙ୍କୁ ଗିରଫ କରାଯାଇଛି। ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ବିଶେଷ ସୁରକ୍ଷା କରାଯାଇଥିବା ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

## ହାତୀପଲ ଉପଦ୍ରବରେ ଫସଲ ନଷ୍ଟ



**କେନ୍ଦୁଝର, ୧।୧୧(ସ୍ୱ.ପ୍ର.)**

କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତର କେରୀ ଓ ଆଖପାଖ ଗ୍ରାମରେ ହାତୀପଲ ଉପଦ୍ରବ ଚଳାଇଥିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ହାତୀପଲ ବିଲରେ ପଶି ପାଚିଲା ଧାନ ଖାଇବା ସହ ବହୁ ମାତ୍ରାରେ ନଷ୍ଟ କରୁଥିବାରୁ ଲୋକମାନେ ସେମାନଙ୍କୁ ଘଉଡାଇବାକୁ ଲାଗିଛନ୍ତି। ଫଳରେ ହାତୀପଲ ଏଣେ ତେଣେ ଧାଉଁଥିବା ବେଳେ ଆଖପାଖ ଅଞ୍ଚଳର ଲୋକମାନେ ଭୟ ଓ ଆତଙ୍କ ମଧ୍ୟରେ ରହୁଛନ୍ତି। ବନବିଭାଗ କର୍ମଚାରୀ ପହଞ୍ଚି ହାତୀଙ୍କୁ ବିଲ ତଥା ଜନବସତି ଅଞ୍ଚଳରୁ ଜଙ୍ଗଲକୁ ଘଉଡାଇବାକୁ ଉଦ୍ୟମ ଚଳାଇଥିଲେ ହେଁ ନୟାନ୍ତ ହୋଇପଡିଛନ୍ତି। ୧୩ ଟିକିଆ ହାତୀ ପଲ ଝାଡ଼ଖଣ୍ଡରୁ ଆସି କିଛିଦିନ ହେଲା ବିଭିନ୍ନ ଅଞ୍ଚଳରେ ଉପଦ୍ରବ ଚଳାଇଥିବା ବେଳେ ଭୟରେ ଚାଷୀମାନେ ଅମଳ ପୂର୍ବରୁ କଞ୍ଚା ଧାନ କାଟି ନେଇଯାଉଥିବା ଜଣାପଡିଛି। ଧାନ ପାଚିବା ସମୟ ହୋଇଥିବାରୁ ପ୍ରତ୍ୟେକ ବର୍ଷ ହାତୀପଲ ଜିଲାକୁ ଆସି ଉପଦ୍ରବ ଚଳାଇ ବ୍ୟାପକ ଫସଲ ଓ ଧନଜୀବନ ହାନି ଘଟାଇଥାନ୍ତି। ଏଣୁ ଏନେଇ ପ୍ରତିକାର ଗ୍ରହଣ କରିବା ଓ ଧନଜୀବନର ସୁରକ୍ଷା କରିବା ସହ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଖଣିରେ ପୁନଃ ନିଯୁକ୍ତି ଦାବି ନେଇ ଧାରଣା




ଧାରଣାରେ ବସିଥିବା ଶ୍ରମିକ।

**ଯୋଡ଼ା/ ବଡ଼ବିଲ, ୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ଟଣ୍ଟୋଠାରେ ଥିବା ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ୍ କମ୍ପାନୀର (ରୋଇଡ଼ା) ଲୌହଖଣିରେ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନୂତନ ଖଣିରେ ପୁନଃ ନିଯୁକ୍ତି ଦାବି କରି କେନ୍ଦୁଝର ମାଇନିଂ ଫରେଷ୍ଟ ୱାର୍କର୍ସ ୟୁନିୟନ (କେଏମ୍‌ଏଫ୍‌ଡବ୍ଲ୍ୟୁ) ଶ୍ରମିକ ସଂଘ ପକ୍ଷରୁ ରବିବାର ଖଣି ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି। ସୂଚନା ଅନୁଯାୟୀ, ଭଦ୍ରାସାହିଠାରେ ଥିବା କେ.ଏନ.ରାମ ଖଣିକୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ୍ କମ୍ପାନୀ ନେଇଛି। କେ.ଏନ.ରାମ ଖଣିରେ ପୂର୍ବରୁ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାରଙ୍କ ଖଣି ନିଲାମ ପ୍ରକ୍ରିୟାରେ ଏହି ନୂତନ ଲିଜ୍‌ଧାରୀ ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ୍ କମ୍ପାନୀ ହାତକୁ ଆସିବା ପରେ କାର୍ଯ୍ୟରତ ଥିବା ଶ୍ରମିକମାନେ ଛଟେଇ ହୋଇ ବେରୋଜଗାର ହୋଇ ବସିଛନ୍ତି। ଯାହାଫଳରେ ଶତାଧିକ ଶ୍ରମିକ ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି। ଏହି ପରିପ୍ରେକ୍ଷୀରେ ଉକ୍ତ ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ୍ କମ୍ପାନୀ ନଭେମ୍ବର ୧ରୁ ନିଜର ଖଣିକାର୍ଯ୍ୟ ଆରମ୍ଭ କରିଛି। ହେଲେ ପୂର୍ବରୁ କାର୍ଯ୍ୟ କରୁଥିବା ସ୍ଥାନୀୟ ଶ୍ରମିକମାନଙ୍କ ନିଯୁକ୍ତିକୁ ଅଣଦେଖା କରୁଥିବାରୁ ପୁନଃ ନିଯୁକ୍ତି ଦାବି କରି ଶତାଧିକ ମହିଳା ଓ ପୁରୁଷ ଧାରଣାରେ ବସିଛନ୍ତି। କେଏମ୍‌ଏଫ୍‌ଡବ୍ଲ୍ୟୁ ୟୁନିୟନର ସମ୍ପାଦକ କପିଳ ମହାନ୍ତିଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଛି। ବହୁ ସମୟ ବିତିଯାଇଥିଲେ ହେଁ ଧାରଣାସ୍ଥଳକୁ ଏହାର ସମାଧାନ ପାଇଁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଖଣି କର୍ତ୍ତୃପକ୍ଷ ଆସି ନ ଥିବାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶ୍ରମିକମାନେ ଧାରଣାରେ ବସିବେ ବୋଲି ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।

## ୩ ଶିକାରୀ ଗିରଫ

**୫୫ କେଜି ବାର୍‌ହା ମାଂସ ଜବତ**

**କେନ୍ଦୁଝର,୧।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ସମାକୋଇ ରିଜର୍ଭ ଜଙ୍ଗଲରେ ବାର୍‌ହା ଶିକାର ଜାରି ରହିଥିବାରୁ ବନ୍ୟପ୍ରାଣୀ ସୁରକ୍ଷାକୁ ନେଇ ସାଧାରଣରେ ଚିନ୍ତାର ବିଷୟ ହୋଇଛି। ବିଦ୍ୟୁତ୍ ତାର ଟାଣି ବାର୍‌ହା ଶିକାର କରିଥିବା ତିନି ଶିକାରୀଙ୍କୁ ରବିବାର ତେଲକୋଇ ବନ ବିଭାଗ କର୍ମଚାରୀ ଗିରଫ କରି କୋର୍ଟଚାଲାଣ କରିବା ସହ ସେମାନଙ୍କ ଠାରୁ ୫୫ କିଲୋ ମାଂସ, ଜିଆଇ ତାର, କାଠ ଖୁଣ୍ଟି, କାଚ ବୋତଲ ଆଦି ଜବତ ହୋଇଛି। ଗିରଫମାନେ ହେଲେ ଖୁଣ୍ଟାପଡା ଗ୍ରାମର ଜିତୁ ମୁଖୀ, ଗୁଣ୍ଡୁରିଯୋଡାର ପୂର୍ଣ୍ଣ ମୁଣ୍ଡା ଓ କୁଲାଡେରାର ବୁଧୁ ମୁଣ୍ଡା। ଏହି ଘଟଣାରେ ଜଡିତ ଅନ୍ୟ ଦୁଇ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି।

**CENTRAL INSTRUMENTATION FACILITY**
**ODISHA UNIVERSITY OF AGRICULTURE AND TECHNOLOGY,**
**BHUBANESWAR-751003**
Email : cifouat@gmail.com, clabouat@gmail.com
Telephone : 0674-2562360 Website : www.ouat.nic.in

No: 74/CIF/OUAT/2020 Dated : 29.10.2020

Walk in interview is to be held on 11th November 2020 at 10 a.m. for contractual engagement of two posts of young professionals at the Central Instrumentation Facility of OUAT, Bhubneswar. The details regarding essential/ desirable qualifications, age, amount of emoluments, date, time and venue, etc. and other terms and conditions are available in the OUAT website - www.ouat.nic.in.

Sd/-
OFFICER IN CHARGE

# 'ଖାଦ୍ୟ ସାମଗ୍ରୀର ବର୍ଦ୍ଧିତ ମୂଲ୍ୟ ଧାର୍ଯ୍ୟ ହେଉ'

**ବାଲେଶ୍ୱର ଅଫିସ,୧।୧୧**

ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟପଦାର୍ଥର ଅହେତୁକ ଦରବୃଦ୍ଧି ଯୋଗୁ ରାଜ୍ୟ ସରକାର ଆଇସିଡିଏସ୍ ବିଭାଗ ଜରିଆରେ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ମା' ଓ ଶିଶୁମାନଙ୍କ ପାଇଁ ଦେଉଥିବା ଖାଦ୍ୟ ପଦାର୍ଥର ବର୍ତ୍ତମାନ ସରକାରୀ ଧାର୍ଯ୍ୟ ମୂଲ୍ୟରେ ପ୍ରଦାନ କରିବା ସମ୍ଭବପର ନୁହେଁ ବୋଲି ବାଲେଶ୍ୱର ଜିଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ସଦସ୍ୟା ଅଭିଯୋଗ କରିଛନ୍ତି। ଏନେଇ ଜିଲା ସମାଜମଙ୍ଗଳ ଅଧିକାରିଣୀଙ୍କ ଉଦ୍ଦେଶ୍ୟରେ ସଂଘ ତରଫରୁ ଏକ ଦାବିପତ୍ର ଦିଆଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ମା' ଓ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟସାମଗ୍ରୀର ବର୍ଦ୍ଧିତ ଦର ପ୍ରଦାନ ପାଇଁ ଦାବି କରାଯାଇଛି।

ବର୍ତ୍ତମାନ ବଜାରରେ ଅଣ୍ଡା ପ୍ରତି ୭ଟଙ୍କା ମୂଲ୍ୟ ଥିବାବେଳେ ଏଥିପାଇଁ ସରକାର ମାତ୍ର ୫ଟଙ୍କା ୫୦ ପଇସା ପ୍ରଦାନ କରୁଛନ୍ତି। ସେହିପରି ଆଳୁ, ପିଆଜ, ତେଲ ଓ ଡାଲି ଆଦି ସାମଗ୍ରୀର ଅହେତୁକ ଦରବୃଦ୍ଧି ହୋଇଛି। ତେଣୁ ଅଙ୍ଗନୱାଡ଼ି କର୍ମୀମାନେ ସ୍ୱଳ୍ପ ଅର୍ଥରେ ପୂର୍ବଭଳି ସମ ପରିମାଣର ଖାଦ୍ୟ ସାମଗ୍ରୀ ଓ ଅଣ୍ଡା ବଣ୍ଟନ ପାଇଁ ସେମାନଙ୍କର ଅକ୍ଷମତା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯଦି ରାଜ୍ୟ ସରକାର ତୁରନ୍ତ ସଂଶୋଧିତ ମୂଲ୍ୟ ତାଲିକା ପ୍ରକାଶ କରି ଅଧିକ ଅର୍ଥ ଏ ବାବଦକୁ ପ୍ରଦାନ ନ କରନ୍ତି ତେବେ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ସଂଘ ତରଫରୁ କୁହାଯାଇଛି। ଏହି ଦାବିପତ୍ରର ନକଲ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ସମ୍ପାଦିକା ଗୌରୀ ଦାସଙ୍କ ସମେତ ସୁକାନ୍ତି ବିଶ୍ୱାଳ, ଅନୁସୂୟା ଦଳାଇ, ସୁକାନ୍ତି ପ୍ରଧାନ, ସନ୍ତୋଷିନୀ ମଲ୍ଲିକ, ସର୍ମିଷ୍ଠା ପଣ୍ଡା, ତପସ୍ୱିନୀ ବିଶ୍ୱାଳ, ପ୍ରଭାତି ଦାସ, ଦୀପାରାଣୀ ବାରିକ, ଜୟଶ୍ରୀ ରାଉତ, ସନ୍ଧ୍ୟାରାଣୀ ବେହେରା, ପୂର୍ଣ୍ଣିମା ସି, ରାଧାରାଣୀ ପଣ୍ଡା, ଆରତୀ ଦାସମହାପାତ୍ର ଓ ସ୍ମରଣିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନିଷ୍ଠା, ଶୃଙ୍ଖଳାରେ ମତଦାନ ଲାଗି ସଚେତନତା




ଖବରଦାତା ସମ୍ମିଳନୀରେ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୧।୧୧**

ବାଲେଶ୍ୱର ଆଇଟିଆଇ ଛକସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ସଙ୍ଗଠନର ଜିଲା ସଭାନେତ୍ରୀ ସଂଘମିତ୍ରା ମହାନ୍ତି ପୌରୋହିତ୍ୟ କରି କୌଣସି ଚାପ ବା ଆର୍ଥିକ ପ୍ରଲୋଭନ ଦ୍ୱାରା ପ୍ରଭାବିତ ନ ହୋଇ ସମସ୍ତ ଭୋଟର ତାଙ୍କର ବିବେକାନୁମୋଦିତ ମତ ପ୍ରତିବାଦିତ କରିବା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିଷ୍ଠା ଓ ଶୃଙ୍ଖଳା ସହ ମତଦାନ କରିବାକୁ ଆହ୍ୱାନ ଦେଇଛନ୍ତି।

ମତଦାନ ଏକ ପବିତ୍ର ଦାୟିତ୍ୱ। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକଙ୍କର ଭୋଟ ଅଧିକାର ରହିଛି। ଅର୍ଥବଳ, ବାହୁବଳ, ଚୋରା ଟଙ୍କା, ଅନୈତିକ ଉପାୟ ଯେଭଳି ଉପଯୋଗ ନ ହୁଏ ସେଥିପାଇଁ ନିର୍ବାଚନ କମିଶନ ପକ୍ଷରୁ ଗଠନ ହୋଇଥିବା କମିଟି ତୀକ୍ଷ୍ଣ ନଜର ରଖିଛି। ସେହିପରି ନିର୍ବାଚନ କମିସନଙ୍କ ଦ୍ୱାରା ଜାରି କରାଯାଇଥିବା ଆଦର୍ଶ ନିର୍ବାଚନ ଆଚରଣ ବିଧିର ସମ୍ପୂର୍ଣ୍ଣ ପାଳନ ସହ କୋଭିଡ୍ ନିୟମ ମାନି ସମସ୍ତ ମତଦାତାଙ୍କୁ ବହୁ ସଂଖ୍ୟାରେ ଉପସ୍ଥିତ ହୋଇ ଭୋଟ ଦେବାକୁ ସଙ୍ଗଠନର ରାଷ୍ଟ୍ରୀୟ ସଭାପତି ଡ. ଅଭିନ୍ନ ହୋତା ଅନୁରୋଧ କରିଛନ୍ତି। ସମ୍ମିଳନୀରେ ରାଜ୍ୟ ସମ୍ପାଦକ ରାଜେଶ ମଲ୍ଲିକ ଓ ବାବୁ ନାୟକ, ବାଲେଶ୍ୱର ପ୍ରଭାରୀ ଦେବାଶିଷ ମିଶ୍ର, କେନ୍ଦ୍ରୀୟ ସଂସ୍କୃତିକ ଆବାହକ ସଞ୍ଜୀବ କୁମାର ମିଶ୍ର, ଆଇନ୍‌ଜୀବୀ ରଶ୍ମିରେଖା ପଣ୍ଡା, ଲୀନା ପାଣିଗ୍ରାହୀ, ଆଶିଷ ସାହୁ, ଶେଖ୍ ହମିଦ ପ୍ରମୁଖ ଯୋଗଦେଇଥିଲେ।

# ନକଲି ନୋଟ୍ କାରବାର ର୍‍ୟାକେଟ୍ ଠାବ

**ବାସୁଦେବପୁର/ ପଦ୍ମପୁର,୧।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଅଧୀନ ଜାତୀୟ ରାଜପଥ ନଳାଙ୍ଗ ଛକଠାରୁ ବାସୁଦେବପୁର ପୋଲିସ ନକଲି ନୋଟ୍ କାରବାରରେ ସମ୍ପୃକ୍ତ ର୍‍ୟାକେଟ୍‌କୁ ଶନିବାର ସନ୍ଧ୍ୟାରେ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ୪୧,୨୦୦ ନକଲି ଓ ୭୨,୦୦୦ ଟଙ୍କାର ଅସଲି ନୋଟ୍, ଏକ କାର୍ (ନଂ. ଓଡ଼ି ୦୫ ଏଇ ୧୮୩୫), ୩ଟି ମୋବାଇଲ ଜବତ ହୋଇଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ମାହାଙ୍ଗା ଥାନା ଅଧୀନ କଉଡ଼କୋଲ ଗ୍ରାମର ପ୍ରିୟ ନାୟକ ଓ ଡେରାବିଶ ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ବିଜୟ ଦାସ।

ପୋଲିସ ସୂଚନା ଅନୁଯାୟୀ, କେତେଜଣ ବ୍ୟକ୍ତି ବାସୁଦେବପୁର ମିର୍ଜାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ଜାଲ୍ ନୋଟ୍ କାରବାର ସମ୍ପର୍କରେ ଫୋନ୍‌ରେ କଥା ହୋଇଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କର ଜଣେ ପରିଚିତ ଯୁବକ ନୀରଦ ଦାଶଙ୍କୁ ଜଣାଇଥିଲେ। ନୀରଦ ଫୋନ୍ ଯୋଗେ



ଜବତ ଟଙ୍କା ଓ ଗିରଫ ୨ ବ୍ୟକ୍ତି।

**୨ ଗିରଫ, କାର୍ ଜବତ**

ଜାଲ ନୋଟ୍ କାରବାର ର୍‍ୟାକେଟ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହାପରେ ନୀରଦଙ୍କୁ ସେମାନେ ଟଙ୍କା ଦେଣନେଣ ପାଇଁ ଭଦ୍ରକର ନଳାଙ୍ଗ ଛକକୁ ଡକାଇଥିଲେ। ଏସଂକ୍ରାନ୍ତରେ ନିରୋଦ ବାସୁଦେବପୁର ଥାନାକୁ ଅବଗତ କରିବା ପରେ ପୋଲିସ ଏହି ର୍‍ୟାକେଟ୍‌କୁ ଧରିବା ପାଇଁ ଜଗି ରହିଥିଲା। ଯୋଜନା ମୁତାବକ ନିରୋଦ ନଳାଙ୍ଗଠାରେ ପହଞ୍ଚି ଏହି ନକଲି ନୋଟ୍ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ହେଉଥିବା ବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଘଟଣାର ଅଧିକ ତଦନ୍ତ ଚାଲିଥିବା ଆଇଆଇସି ପ୍ରଦୀପ ମାଝୀ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୨୮୫/୨୦) ରୁଜୁ ହୋଇଛି।

## ଲକ୍ଷ୍ମୀପୂଜା ମଣ୍ଡପ ଶିଳାନ୍ୟାସ

**ଢେଙ୍କିକୋଟ, ୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ଲକ୍ଷ୍ମୀପୂଜା ମଣ୍ଡପର ଗୃହ ନିମନ୍ତେ ରବିବାର ଅପରାହ୍ନରେ ସ୍ଥାନୀୟ ସରପଞ୍ଚ ଗୌରୀ ବାରିକ ଏବଂ ସାମାଜିକକର୍ମୀ କୃଷ୍ଣଚନ୍ଦ୍ର ବାରିକ ଶିଳାନ୍ୟାସ କରିଛନ୍ତି। ଢେଙ୍କିକୋଟ ବଜାର ମଧ୍ୟରେ ଥିବା ବହୁ ପୁରାତନ ମହାଲକ୍ଷ୍ମୀ ପୂଜା କମିଟିର ନିଜସ୍ୱ ପୂଜା ମଣ୍ଡପ ନ ଥିବା ବେଳେ ପ୍ରତ୍ୟେକ ବର୍ଷ ଏହା ଟେଣ୍ଟ ମାରି ପୂଜା ମଣ୍ଡପ ନିର୍ମାଣ କରି ପୂଜା ଲାଭ ହୋଇଆସୁଥିଲା। ଜଣେ ବଦାନ୍ୟ ବ୍ୟକ୍ତି ଦିଗାମ୍ବର ନାୟକ ଏଥି ନିମନ୍ତେ ୨୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ମହେଶ୍ୱର ସାହୁ ୧୦ ହଜାର ଟଙ୍କା ଦାନ କରିଥିବା ପୂଜା କମିଟିର ସମ୍ପାଦକ ସଞ୍ଜୀବ କୁମାର ସାହୁ ପ୍ରକାଶ କରିଛନ୍ତି। ପୂଜକ ରବିନାରାୟଣ ପାଢ଼ୀ ଯଥାବିଧି ପୂଜା ପାଠକରି ଶିଳାନ୍ୟାସ କରିଥିବା ବେଳେ କମିଟିର ସଭାପତି ରାମଚନ୍ଦ୍ର ସାହୁ ସକ୍ରିୟ ସଦସ୍ୟ ଉପେନ୍ଦ୍ର ଓଝା, ନୀଳମଣି ମଣ୍ଡଳ, ସୁଦର୍ଶନ ସେନାପତି, ରବିନାରାୟଣ ପାଳ ଶିଳାନ୍ୟାସ ରେ ସହଯୋଗ କରିଥିଲେ।

# ଘରେ ପଶି ଗ୍ରାମବାସୀଙ୍କୁ ଉଠାଇନେଲା ପୋଲିସ

**ବଡବିଲ, ୧।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ହାୟାରପୁର ଗ୍ରାମରେ ଏକ ଘରୋଇ କମ୍ପାନୀକୁ ସହାୟତା ଦେବାକୁ ଯାଇ ପୋଲିସ କର୍ମଚାରୀ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ବଡ଼ବିଲ ଥାନା ଏସ୍‌ଆଇ ଅଭିମନ୍ୟୁ ଦାସ ମରଣାନ୍ତକ ଆକ୍ରମଣରେ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ସେହି ଗ୍ରାମର କେତେଜଣ ଗ୍ରାମବାସୀଙ୍କୁ ଉଠାଇ ନେଇଥିବା ବେଳେ ରବିବାର ଅପରାହ୍ନରେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ହାୟାରପୁର ଗ୍ରାମର ସୁନୀତା ମୁଣ୍ଡା(କ), ସୁନୀତା ମୁଣ୍ଡା(ଖ), ମୁକ୍ତା ପୂର୍ତ୍ତି, ରମେଶ ମୁଣ୍ଡା, ମାନେ ମୁଣ୍ଡା ଓ ମନୋଜ ମୁଣ୍ଡା।

ପୋଲିସ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଉଲିବୁରୁସ୍ଥିତ ଏକ ଘରୋଇ କମ୍ପାନୀର ପାଇପଲାଇନ ମରାମତି ନିମନ୍ତେ ସମ୍ପୃକ୍ତ କମ୍ପାନୀର କେତେଜଣ କର୍ମଚାରୀ ହାୟାରପୁର ଗ୍ରାମର ତଳସାହିଠାରେ ପହଞ୍ଚିଥିଲେ। ଉକ୍ତ ଗ୍ରାମର ଉପରସାହିର କେତେଜଣ ଗ୍ରାମବାସୀ ପାଇପ ଲାଇନ ମରାମତି ପ୍ରତିବାଦ କରିବା ସହ ତାଙ୍କ ଅଞ୍ଚଳର ପାନୀୟଜଳ ସମସ୍ୟା ଦୂର ନ କରିବା ପର୍ଯ୍ୟନ୍ତ ପାଇପ୍‌ଲାଇନ ମରାମତି କରିବାକୁ ଦେବେ ନାହିଁ ବୋଲି କହିଥିଲେ। ତେବେ

**ଆକ୍ରମଣ ମହଙ୍ଗା ପଡ଼ିଲା**

କମ୍ପାନୀ ପକ୍ଷରୁ ଏ ନେଇ ପୋଲିସକୁ ଅବଗତ କରାଯିବା ପରେ ଘଟଣା ସ୍ଥଳରେ ସବ୍‌ଇନ୍ସପେକ୍ଟର ଅଭିମନ୍ୟୁ ଦାସ, ଜଣେ କନଷ୍ଟେବଳଙ୍କୁ ନେଇ ପହଞ୍ଚିଥିଲେ। ସେଠାରେ କେତେଜଣ ମହିଳା ଘେରିଯାଇ ଏସ୍‌ଆଇ ଦାସଙ୍କୁ କାଠଫାଳିଆ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଏତଲାରେ ଉଲ୍ଲେଖ ରହିଛି। ଅପରପକ୍ଷେ ହାୟାରପୁର ଗ୍ରାମବାସୀ ପ୍ରୀତମ ମୁଣ୍ଡାଙ୍କ କହିବା ଅନୁଯାୟୀ, ଗ୍ରାମବାସୀ ଘରୋଇ କମ୍ପାନୀ କର୍ମଚାରୀଙ୍କ ପାଇପ ଲାଇନ ମରାମତି କାର୍ଯ୍ୟକୁ ପ୍ରତିବାଦ କରିଥିବାବେଳେ ପୋଲିସ ସେଠାରେ ପହଞ୍ଚି ଜଣେ ନିରୀହ ଗ୍ରାମବାସୀଙ୍କୁ ମାରପିଟ କରିବାରୁ ମହିଳାମାନେ ଉତ୍ତ୍ୟକ୍ତ ହୋଇ ଘେରିଯାଇ ପୋଲିସକୁ ଆକ୍ରମଣ କରିଥିଲେ। ତେବେ ରବିବାର ଭୋର ପ୍ରାୟ ୪ଟା ବେଳେ ପୋଲିସ ହାୟାରପୁର ଗ୍ରାମରେ ପହଞ୍ଚି ଘରେ ପଶି ଗ୍ରାମର ଅଧିକାଂଶ ମହିଳା ପୁରୁଷଙ୍କୁ ଥାନାକୁ ଉଠାଇନେବା ସହ ଘରେ ଥିବା ଦାଉଲି, ଠେଙ୍ଗା, ଟାଙ୍ଗିଆ ଆଦି ନେଇଯାଇଛନ୍ତି। ତେଣେ ପୋଲିସ ସବ୍‌ଇନ୍ସପେକ୍ଟର ଅଭିମନ୍ୟୁଙ୍କ ଏତଲାକୁ ଭିତ୍ତି କରି ବଡବିଲ ଥାନାରେ ଏକ ମାମଲା (ନଂ.୧୩୭/୨୦) ରୁଜୁ ହୋଇଛି। ଘଟଣାରେ ପୋଲିସ ମୋଟ ୬ ଜଣଙ୍କୁ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଗୁରୁତର ସବ୍‌ଇନ୍ସପେକ୍ଟର ଅଭିମନ୍ୟୁଙ୍କୁ ଯୋଡା ସ୍ଥିତ ଟାଟା ଷ୍ଟିଲ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ରବିବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଛାଡିଥିବା ନେଇ ବଡବିଲ ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ପାଟଣା:** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥର ଡାବରଟୁଆ ନିକଟରେ ରବିବାର ଏକ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଳିଆପଣି ଗ୍ରାମର ଅନାଦି ମହାନ୍ତି। ଦୁର୍ଘଟଣା ପରେ ରାଜପଥ ଉପରେ ମୃତଦେହ ପଡି ରହିଥିବାରୁ କିଛି ସମୟ ପାଇଁ ଗାଡି ମୋଟର ଅଟକି ରାସ୍ତା ଜାମ ରହିଥିଲା। ତୁରୁମୁଙ୍ଗା ଥାନା ଅଧିକାରୀ ସୁଶାନ୍ତମଣୀ ମହାନ୍ତି ପହଞ୍ଚି ରାସ୍ତା ଜାମ ହଟାଇଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୦୩/୨୦) ରୁଜୁ ହୋଇଛି।

**ସଂକ୍ଷେପରେ**

## ପୋଡ଼ି ହୋଇ ୩ ଗୁରୁତର

**ବାରିପଦା ଅଫିସ,୧।୧୧:** ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ବୈଦ୍ୟପୁର ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳା ଦେହରେ କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ତାଙ୍କୁ ବଞ୍ଚାଇବାକୁ ଯାଇ ନିଆଁରେ ପୋଡ଼ି ସ୍ୱାମୀ ଓ ଶାଶୁ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବେତନଟୀ ଓ ପରେ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗୌର ସିଂ(୪୫)ଙ୍କ ସ୍ତ୍ରୀ ସରସ୍ୱତୀ(୪୦) ରୋଷେଇ ଘରେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ପ୍ରଥମେ ସ୍ୱାମୀ ଓ ପରେ ଶାଶୁ ରାଇମଣି (୭୨) ପୋଡ଼ି ଯାଇଥିଲେ।

## ପୋଖରୀରେ ବୁଡ଼ି ଶିଶୁ ମୃତ

**ଢେଙ୍କିକୋଟ, ୧।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଲଙ୍ଗଳକଣ୍ଟି ଗ୍ରାମରେ ଜଣେ ଶିଶୁ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତ ଶିଶୁ ହେଲେ ଲଙ୍ଗଳକଣ୍ଟି ମୁଣ୍ଡା ସାହିର ତ୍ରିନାଥ ମୁଣ୍ଡାଙ୍କ ପୁଅ ଘନମୁଣ୍ଡା। ସେ ଶନିବାର ସନ୍ଧ୍ୟାରେ ଘର ନିକଟସ୍ଥ ପୋଖରୀକୁ ଏକ ଡାଟିଆ ଧରି ପାଣିପାଇଁ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡିଯାଇଥିଲେ। ଘରଲୋକ ଶିଶୁଟିକୁ ପାଣିରେ ଭାସୁଥିବା ଦେଖି ତାଙ୍କୁ ତୁରନ୍ତ ଘଟଗାଁ ଡାକ୍ତରଖାନା ନେଇଯାଇଥିଲେ ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୩/୨୦) ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ହାରିଗଲେ ଅଙ୍ଗନୱାଡି କର୍ମୀ

**ଖଇରା, ୧।୧୧(ଡି.ଏନ.ଏ.):** ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ବାସିଦ୍ଦିପୁର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ରଞ୍ଜିତା ବେହେରା ଶନିବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସେ ଦୀର୍ଘ ୧୨ବର୍ଷ ଧରି ତାଙ୍କର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କରିଆସୁଥିଲେ। ସ୍ୱାମୀ ଓ ଝିଅକୁ ଛାଡି ସେ କୋଭିଡ ଯୋଦ୍ଧା ଭାବେ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥିଲେ। ଏହି କାର୍ଯ୍ୟ କରୁଥିବା ବେଳେ ଅଗଷ୍ଟରେ ରଞ୍ଜିତା କରୋନାରେ ଶିକାର ହୋଇଥିଲେ। କରୋନାରୁ ସୁସ୍ଥ ହୋଇ ଆସୁଥିବା ବେଳେ ସେପ୍ଟେମ୍ବର ୧୫ରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପ୍ରସବ ସମୟରେ ସେ ବ୍ରେନ୍ ଟ୍ୟୁମରରେ ପୀଡିତ ଥିବା ଜଣାପଡିଥିଲା। ସେଥିପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସ୍ୱାମୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅସ୍ତ୍ରୋପଚାର ପାଇଁ ଅର୍ଥ ବାଧକ ହେବାରୁ ସେ ସମସ୍ତଙ୍କୁ ଛାଡି ଆରପାରିକୁ ଚାଲିଗଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖଇରା ବ୍ଲକର କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି କର୍ମୀ ଓ ସମସ୍ତ ସୁପରଭାଇଜର ଏବଂ ସିଡିପିଓ ରଞ୍ଜୁରାଣୀ ଦାଶ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁରେ ଶୋକ ସନ୍ତପ୍ତ ପରିବାରକୁ ବିଭିନ୍ନ ବର୍ଗରୁ କ୍ଷତିପୂରଣ ପାଇଁ ଦାବି କରାଯାଇଛି।

# ପ୍ରଥମ ଦିନରେ ପର୍ଯ୍ୟଟକଙ୍କୁ ସ୍ୱାଗତ



ଶିମିଳିପାଳଠାରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଉଛି।

**ବାରିପଦା ଅଫିସ,୧।୧୧**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ରବିବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପ୍ରଥମ ଦିବସରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧିକାରୀ ଓ କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଏସିଏଫ୍ ପ୍ରଦୀପ କୁମାର ଦେ, ଏସିଏଫ୍ ଅରୁଣ କୁମାର ବିଶ୍ୱାଳ, ପିଠାବଟା ରେଞ୍ଜର ବନେଶ୍ୱର ସି, ଗୁଡ଼ଗୁଡ଼ିଆ ରେଞ୍ଜର ହିମାଂଶୁ ଶେଖର ସାଥ୍ୟା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି। ଜାମୁଆଣି, କୁମାରୀ, ଗୁଡ଼ଗୁଡ଼ିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରୀଯାପନ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଏଠାରେ ରହିବା ପାଇଁ ଅଗ୍ରିମ ଅନ୍‌ଲାଇନ ବୁକିଂ କରିବାକୁ ପଡ଼ିଥାଏ । ପ୍ରଥମ ଦିନରେ ଭୁବନେଶ୍ୱରରୁ ଆସିଥିବା ବୀଣାପାଣି ସାହୁ କୁହନ୍ତି, ଶିମିଳିପାଳ ଅଭୟାରଣ୍ୟ କଥା ଶୁଣିଥିଲୁ। ଆଜି ପ୍ରଥମ ଥର ଏଠାକୁ ଆସିଥିବାରୁ ବନ୍ୟଜନ୍ତୁଙ୍କୁ ପାଖରେ ଦେଖିବା ସହିତ ପ୍ରକୃତିର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବୁ। ପର୍ଯ୍ୟଟକ ସୌଦାମିନୀ ଗୋଚ୍ଛାୟତ କୁହନ୍ତି, ଶିମିଳିପାଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ରହିଛି। ଛୋଟବଡ଼ ଜଳପ୍ରପାତ ସାଙ୍ଗକୁ ବିଭିନ୍ନ ପ୍ରଜାତିର ବୃକ୍ଷଲତା ଓ ସରୀସୃପ ଦେଖିବାକୁ ମିଳିବ। କୋଲକାତାରୁ ଆସିଥିବା କମଲ ସ କୁହନ୍ତି, ବନ୍ୟ ଜୀବଜନ୍ତୁଙ୍କୁ ଦେଖିବା ସହ ପ୍ରାକୃତିକ ଶୋଭା ଦେଖିବାର ସୁଯୋଗ ମିଳିଛି । ଅଭୟାରଣ୍ୟ ଭିତରକୁ ପଶିବା ପାଇଁ ସାଥିରେ ଗାଇଡ୍ ନେବା ବାଧ୍ୟତା ମୂଳକ ରହିଛି। ସେହିପରି ପଲିଥିନ ଓ ମାଦକ ଦ୍ରବ୍ୟ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଅପରାହ୍ନ ୩ଟା ପୂର୍ବରୁ ସମସ୍ତ ପର୍ଯ୍ୟଟକ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ପୂର୍ବରୁ ସମସ୍ତେ ଚହଲା ସ୍ଥାନକୁ ଛାଡ଼ିବା ପାଇଁ ବାଧ୍ୟତା ମୂଳକ କରାଯାଇଛି। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖି କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ଉଲ୍ଲେଖଯୋଗ୍ୟ, ୨୦୧୯-୨୦ ବର୍ଷରେ ଓଡ଼ିଶାରୁ ୨୧ହଜାର୫୫୭ ଏବଂ ବିଭିନ୍ନ ରାଜ୍ୟରୁ ୭୩୦୩ ପର୍ଯ୍ୟଟକଙ୍କୁ ୪୪୫୬ ଗାଡ଼ିରେ ଶିମିଳିପାଳ ମଧ୍ୟରେ ବୁଲିବାକୁ ଅନୁମତି ଦିଆଯାଇଥିଲା। ସେହିଭଳି ୫୫ ବିଦେଶୀ ପର୍ଯ୍ୟଟକ ଶିମିଳିପାଳ ଆସିଥିବା ବେଳେ ମୋଟ ୨କୋଟି ୭୨ଲକ୍ଷ ୭ହଜାର ୫୭୦ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା।


କୁଳଡିହା ଅଭୟାରଣ୍ୟର ଗୋହିରାଭୋଳଠାରେ ପର୍ଯ୍ୟଟକଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଉଛି।

**ସଜନାଗଡ, ୧।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଅବସ୍ଥିତ କୁଳଡିହା ଅଭୟାରଣ୍ୟ କରୋନା ପାଇଁ ବନ୍ଦ ରହିଥିଲା। ଶୀତ ଋତୁ ଆଗମନରେ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ରବିବାର ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପୂର୍ବାହ୍ନ ୧୦ଟା ବେଳେ ଏହାର ଗେଟ୍ ଖୋଲାଯାଇଥିଲା। ପ୍ରଥମ ଦିନରେ ପ୍ରଥମ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗ ହୁଗୁଳିର ଅରପାନ ଭଟ୍ଟାଚାର୍ଯ୍ୟ, ଦ୍ୱିତୀୟ ପର୍ଯ୍ୟଟକ ବାଲେଶ୍ୱର ଅଯୋଧ୍ୟାରୁ ପ୍ରଙ୍କାର ବାରିକ, ତୃତୀୟ ପର୍ଯ୍ୟଟକ ଭଦ୍ରକରୁ ରଞ୍ଜନ କୁମାର ଜେନା, ଚତୁର୍ଥ ପର୍ଯ୍ୟଟକ ପଶ୍ଚିମବଙ୍ଗ ବର୍ଦ୍ଧମାନର ଏସ୍. ଚୌଧୁରୀ ଏହିପରି ମୋଟ ୫୨ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସି ଗୋହିରାଭୋଳଠାରେ ପହଞ୍ଚିଥିଲେ। ଗେଟ୍‌ରେ ଉପସ୍ଥିତ କୁଳଡିହା ରେଞ୍ଜର ବିଜୟ ମହାପାତ୍ର, ଫରେଷ୍ଟର ଉମାକାନ୍ତ ଜେନା, ଫରେଷ୍ଟଗାର୍ଡ ଭକ୍ତିଲତା ଦାସ ପ୍ରମୁଖ ପର୍ଯ୍ୟଟକଙ୍କୁ ଫୁଲତୋଡା, ଚନ୍ଦନ ଲଗାଇ ସ୍ୱାଗତ ଜଣାଇଥିଲେ। ପର୍ଯ୍ୟଟକମାନେ ଗାଇଡ୍ ମନୋରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରି ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ।

୨୭୨.୭୫ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ବିଭିନ୍ନ ପ୍ରଜାତିର ଦେଶୀ ଓ ବିଦେଶୀ ପକ୍ଷୀ ଏବଂ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ବଜ୍ରକାପ୍ତା, ମୟୂର ଇତ୍ୟାଦି ବନ୍ୟପ୍ରାଣୀଙ୍କର ଅବାଧ ବିଚରଣ ଦେଖାଯାଇଥାଏ। ଅଭୟାରଣ୍ୟକୁ ଲାଗିରହିଥିବା ରିଷିଆ ଡ୍ୟାମ ଭିତରେ ବୋଟିଂ ବ୍ୟବସ୍ଥା ରହିଛି। ଏଠାରେ ପର୍ଯ୍ୟଟନର ବିକାଶ ପାଇଁ ଗୋହିରାଭୋଳଠାରେ 'ରିଷିଆ ପ୍ରକୃତି ନିବାସ' ୯ଟି ନେଚର୍ସ କ୍ୟାମ୍ପ କରାଯିବା ପରେ ଏଠାକାର ଆକର୍ଷଣ ବହୁଗୁଣିତ ହୋଇଛି। ରିଷିଆ ପ୍ରକୃତି ନିବାସରେ ଦେୟଯୁକ୍ତ ରାତ୍ରିଯାପନ କରି ପର୍ଯ୍ୟଟକମାନେ ଅତି ନିକଟରୁ ବନ୍ୟଜନ୍ତୁ ଓ ପଶୁପକ୍ଷୀ ଦେଖିବାର ସୁଯୋଗ ପାଇଥାନ୍ତି। ଏହାସହ ରୁଚିକର ଖାଦ୍ୟ, ଶୁଦ୍ଧ ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା ରହିଛି। ରିଷିଆ ପ୍ରକୃତି ନିବାସ ନିକଟକୁ ବନ୍ୟପ୍ରାଣୀ ଯେପରି ନ ଆସିପାରିବେ ସେଥିପାଇଁ ଚାରି ପାଖରେ ଟ୍ରେଞ୍ଚ ଖୋଳାଯାଇଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଏମ୍‌ଏସ୍‌ର ବିକ୍ଷୋଭ



ବିଏମ୍‌ଏସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭଦ୍ରକ ଅଫିସ, ୧।୧୧**

ଗତ ୨୮ ତାରିଖରେ ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ତଥା ଆସାମ, ଓଡ଼ିଶା ଓ ପଶ୍ଚିମବଙ୍ଗର ପ୍ରଭାରୀ ଥିବା ଗଣେଶ ମିଶ୍ରା ଓ ତାଙ୍କ ସହଯୋଗୀଙ୍କୁ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସର ସମର୍ଥକମାନେ ମରଣାନ୍ତକ ଆକ୍ରମଣ କରିଥିଲେ। କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନ ବିରୋଧରେ ଦେଶବ୍ୟାପୀ ହେଉଥିବା ପ୍ରତିବାଦ ସଭା ଓ ଆନ୍ଦୋଳନ ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗର ମେଦିନିପୁର ଜିଲା ନନ୍ଦୀ ଗ୍ରାମଠାରେ ଚାଲିଥିବା ପ୍ରତିବାଦ ସଭାସ୍ଥଳରେ ତୃଣମୂଳ କଂଗ୍ରେସର ସମର୍ଥକମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମିଶ୍ରାଙ୍କ ସହିତ ତାଙ୍କ ସହଯୋଗୀ ଗୁରୁତର ଭାବେ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ଶନିବାର ଭଦ୍ରକ ଜିଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସର ମୁଖ୍ୟ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ବିଏମ୍‌ଏସ୍‌ର ରାଜ୍ୟ ଉପସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ର, ଜିଲା ସଭାପତି ମନୋଜ ବସନ୍ତ ରାୟ, ସମ୍ପାଦକ ମୁକ୍ତିକାନ୍ତ ସାହୁ, ସଙ୍ଗଠନ ସମ୍ପାଦକ ପରେଶ ନାଥ ଧଳ, ଜିଲା ଉପସଭାପତି ବସନ୍ତ ରାଉତ ପ୍ରମୁଖ ବକ୍ତବ୍ୟ ରଖି ପଶ୍ଚିମବଙ୍ଗ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏହି ଅବସରରେ ଏକ ପ୍ରତିବାଦ ଶୋଭାଯାତ୍ରା ବିଏମ୍‌ଏସ୍ ଜିଲା କାର୍ଯ୍ୟାଳୟ ମାଳତୀ ଭବନଠାରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯାଇଥିଲା।

## ଏନ୍‌ଏଚ୍‌ରେ ଅଣ୍ଡରପାସ୍ ନିର୍ମାଣ ଦାବି

**ପାଟଣା,୧।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ହସ୍ପିଟାଲ ଛକ ଓ ଖାରପଡା ଛକରେ ୨ଟି ଅଣ୍ଡର ପାଶ ନିର୍ମାଣ କରିବାକୁ ଦାବି ଜୋର ଧରିଛି। ରବିବାର ଅପରାହ୍ନରେ ପ୍ରଭାବିତ ଅଞ୍ଚଳର ୪ଟି ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିଙ୍କ ସହ ତୁରୁମୁଙ୍ଗା, ରାଜନଗର, ବୁଢ଼ିକାପୁଡି ଓ ଚେମେଣା ପଞ୍ଚାୟତର ଶତାଧିକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ ଯେ, ଉକ୍ତ ରାଜପଥ ୪ଲେନ ବିଶିଷ୍ଟ ହେବାପରେ ଦୈନନ୍ଦିନ ଦୁର୍ଘଟଣାରେ ଶିକାର ହୋଇ ବହୁ ଜୀବନ ହାନି ଘଟିବାରୁ କିଛିଦିନ ତଳେ ଏନେଇ ସ୍ଥାନୀୟ ଲୋକେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ସହ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ବିଧାୟକ ଓ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତିନ ଗଡ଼କରିଙ୍କୁ ଦୁଇଟି ଅଣ୍ଡର ପାସ ନିର୍ମାଣ କରିବାକୁ ଦାବି ପତ୍ର ଦେଇଥିଲେ। ବୁଧବାର ଏନ୍‌ଏଚଆଇ କର୍ତ୍ତୃପକ୍ଷ ୮୦ପ୍ରତିଶତ ରାସ୍ତା ନିର୍ମାଣ କାର୍ଯ୍ୟ ସରିଥିବାରୁ ଆଉ ଅଣ୍ଡର ପାଶ ନିର୍ମାଣ ସମ୍ଭବ ନୁହଁ ବୋଲି ପତ୍ର ଲେଖିବା ପରେ ରବିବାର ଏନେଇ ଆନ୍ଦୋଳନ ପାଇଁ ଲୋକେ ଏକତ୍ରିତ ହୋଇ ସଭା କରିଛନ୍ତି। ଅଣ୍ଡର ପାଶ ନିର୍ମାଣ ନହେଲେ ଆଗକୁ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଛି।

## ତାଳପଦା ଜାମୁକା ମୁହାଣରେ କୁମ୍ଭୀର ଠାବ

**ବାହାନଗା, ୧।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ରେମୁଣା ବ୍ଲକ ତାଳପଦା ସମୁଦ୍ର ସଂଲଗ୍ନ ଜାମୁକା ମୁହାଣର ବନି ଜଙ୍ଗଲରେ ଏକ କୁମ୍ଭୀର ଠାବ କରାଯାଇଛି। କୁମ୍ଭୀର ସମୁଦ୍ରକୁ ଯାଉଥିବା ଦେଖି ମତ୍ସ୍ୟଜୀବୀମାନେ ଆତଙ୍କିତ ହୋଇ ପଡିଛନ୍ତି। କଣ୍ଟିଆଚିରା ନାଳ ଶ୍ରୀଜଙ୍ଗ ଦେଇ ତାଳପଦା ସମୁଦ୍ରରେ ମିଶିଛି । ଏହା ଯେଉଁ ସ୍ଥାନରେ ସମୁଦ୍ରକୁ ସଂଯୋଗ ହୋଇଛି ସେହି ସ୍ଥାନ ହେଉଛି ଜାମୁକା। ତେଣୁ ସେହି ସ୍ଥାନରେ ମୁହାଣ କରାଯାଇ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବା ପାଇଁ ବିଭିନ୍ନ ଯନ୍ତ୍ରଚାଳିତ ଡଙ୍ଗା ବା ଭୁଟିଭୁ ଦ୍ୱାରା ମାଛ ଧରିବାକୁ ସମୁଦ୍ରକୁ ଯାଇଥାନ୍ତି। ଏହି ଜାମୁକା ମୁହାଣ ଓ କଣ୍ଟିଆ ଚିରା ନାଳର ଗୋଟିଏ ପାର୍ଶ୍ୱରେ ବନବିଭାଗ ତରଫରୁ ବନିଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରାଯାଇଛି। ଏହି ବନିଗଛ ସମୁଦ୍ରରେ ମଧ ରୋପଣ କରାଯାଇଛି । ସେହି ମୁହାଣ ସଂଲଗ୍ନ କଣ୍ଟିଆଚିରା ନାଳର ବନିଜଙ୍ଗଲ ପାର୍ଶ୍ୱରେ ୨ରୁ ୩ଟି କୁମ୍ଭୀର ବୁଲିବା ସହିତ ଆଡିରୁ ପାଣିକୁ ଆସୁଥିବା ସ୍ଥାନୀୟ ମତ୍ସ୍ୟଜୀବୀମାନେ ଦେଖିଥିବା ପ୍ରକାଶ କରିଛନ୍ତି। ବଡ କୁମ୍ଭୀର ସହିତ ଛୁଆ କୁମ୍ଭୀର ୨ରୁ ୩ଟି ବୁଲୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ଓ ଲୋକମାନେ ଦେଖିଥିବା କହିଛନ୍ତି।


ଜାମୁକା ମୁହାଣରେ କୁମ୍ଭୀର।

## 'ସମ୍ବିଧାନ ସମ୍ପର୍କରେ ଆଲୋଚନା ହିଁ ସମ୍ବିଧାନ ଯଜ୍ଞ'

**ସିମୁଳିଆ, ୧।୧୧(ଡି.ଏନ.ଏ.)**

ଦେଶର ସମ୍ବିଧାନ ସମ୍ପର୍କରେ ଜ୍ଞାନ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଓ ଅଧିକାର। ନାଗରିକମାନଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ରବିବାର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ରୁଡୁଙ୍ଗା ଅଞ୍ଚଳରେ ନିଆରା ଢଙ୍ଗରେ ସମ୍ବିଧାନ ଯଜ୍ଞ ଉତ୍ସବ ଆୟୋଜିତ ହୋଇଥିଲା । କରୋନା ଗାଇଡ୍‌ଲାଇନ ଅନୁଯାୟୀ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, ଭୋଗରାଇ ଆଦି ବିଭିନ୍ନ ଅଞ୍ଚଳରୁ ଆଇନ ସଚେତକମାନେ ଅଂଶଗ୍ରହଣ କରିଥିଲେ । ଆଇନ ତଥା ଖାଉଟି ସଚେତକ ନୀଳାମ୍ବର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମୀକ୍ଷକ ରୂପେ ସିମୁଳିଆ ମହାବିଦ୍ୟାଳୟର ପ୍ରାକ୍ତନ ଓଡିଆ ଅଧ୍ୟାପକ ବସନ୍ତ କୁମାର ଦାସ ଆଇନ, ସଚେତନତା ଓ କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି 'ବର୍ତ୍ତମାନ ରାଜନୈତିକ ବ୍ୟତୀତ ଆଇନର ଇତିହାସକୁ ତର୍ଜମା କରାଯାଉନାହିଁ' ବୋଲି ସେ କହିଥିଲେ । ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ କର୍ମଚାରୀ କହ୍ନେଇ ଚରଣ ନାୟକ 'ମାନସିକତାର ପରିବର୍ତ୍ତନ ହେଲେ ଦେଶର ପରିବର୍ତ୍ତନ ସମ୍ଭବ ହୋଇପାରିବ' ବୋଲି କହିଥିଲେ । ସେହିପରି ବାୟୁସେନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଓ ବର୍ଷୀୟାନ ନାଟ୍ୟକାର ନବକିଶୋର ନାଥ ସ୍ୱରଚିତ କବିତାପାଠ କରିଥିଲେ। 'ସମ୍ବିଧାନ ସମ୍ପର୍କରେ ଆଲୋଚନା ହିଁ ସମ୍ବିଧାନ ଯଜ୍ଞ' ବୋଲି ଅବସରପ୍ରାପ୍ତ ଶିକ୍ଷକ ସମୀକ୍ଷକ ନାରାୟଣ ପ୍ରସାଦ ସାମଲ କହିଥିଲେ । ସେହିପରି ସମ୍ବିଧାନର ଅର୍ଥ 'ଖୋଜ' ବୋଲି ଆଇନ ସଚେତକ ନିଳାମ୍ବର ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ଅଞ୍ଚଳର ଅବସର ଶିକ୍ଷକ ବିପଦ ଭଞ୍ଜନ ମିଶ୍ର, ଶିଶୁ ସାହିତ୍ୟିକ ଚକ୍ରଧର ବେହେରା, ନାଟ୍ୟକାର ସାହିତ୍ୟିକ ମହେନ୍ଦ୍ର ପ୍ରସାଦ ବାରିକ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶୁଭ୍ରାଂଶୁ ଶେଖର ରାୟମହାପାତ୍ର ପ୍ରମୁଖ ଯୋଗଦେଇ ମତ ରଖିଥିଲେ । ସାମାଜିକ କର୍ମୀ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।


ସମୀକ୍ଷକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ବସନ୍ତ କୁମାର ଦାସ ସୂଚନା ଦେଉଛନ୍ତି।

# କେନ୍ଦୁଝରରେ ମିଳୁନି ପିଇବା ପାଣି

**କେନ୍ଦୁଝର, ୧।୧୧(ସ୍ୱ.ପ୍ର.)**

ଦୀର୍ଘ ପ୍ରାୟ ଦୁଇ ସପ୍ତାହ ହେଲା କେନ୍ଦୁଝର ପୁରୁଣା ସହର ଭଟସାହି, ଭାଗୁଆବେଡା ସାହି, ଢେଙ୍କାପୁର ଶାସନ ସାହି, ଆଟପୁର ଆଦି ଅଞ୍ଚଳକୁ ପାଇପ ଦ୍ୱାରା ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଲୋକ ମାନେ ଅକଥନୀୟ ଅସୁବିଧା ଭୋଗୁଛନ୍ତି । ଏନେଇ ଜଳ ଟିକସ ଦାତା ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ବାରମ୍ବାର ଅଭିଯୋଗ କଲେ ଟ୍ୟାଙ୍କରେ ପାଣି ଯୋଗାଇ ଦିଆଯାଉଛି। କିନ୍ତୁ ଯୋଗାଇ ଦିଆଯାଉଥିବା ପାଣି ପର୍ଯ୍ୟାପ୍ତ ହୋଇ ପାରୁ ନ ଥିବାରୁ ଲୋକ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ଆଇନଜୀବୀ ଅଶୋକ ଦାସଙ୍କ ସମେତ ବହୁ ସ୍ଥାନୀୟ ଲୋକ ମତବ୍ୟକ୍ତ କରିଛନ୍ତି।



ପୁରୁଣା ସହରରେ ଟ୍ୟାଙ୍କରରେ ପାଣି ଯୋଗାଣ କରାଯାଉଛି।

କେନ୍ଦୁଝର ସହରରେ ବ୍ୟୟ ବହୁଳ ସମନ୍ୱିତ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ହେଁ ଜଳ ସମସ୍ୟା ଦୂର ହୋଇପାରୁନାହିଁ । ଅସମ୍ପୂର୍ଣ୍ଣ କାମ ସାଙ୍ଗକୁ ରକ୍ଷଣାବେକ୍ଷଣର ଅଭାବ ଏବଂ ଉପଯୁକ୍ତ ତଦାରଖ ହେଉ ନ ଥିବାରୁ ଲୋକ ମାନେ ପାଣି ଟୋପାଏ ପାଇଁ ହୀନସ୍ତା ହେଉଛନ୍ତି । ଏପରିକି ସମସ୍ତ ଘରକୁ ପାଇପ ପାଣି ପହଞ୍ଚାଇବାରେ ପ୍ରଶାସନ ବିଫଳ ହୋଇଥିବା ବେଳେ କେତେକ ସ୍ଥାନରେ ପାଇପରୁ ପାଣି ଲିକ ହୋଇ ରାସ୍ତାରେ ପାଣି ବୋହୁଥିଲେ ହେଁ ସଜଡା ଯାଉ ନାହିଁ । ଫଳରେ ବାହର ମଇଳା ଆବର୍ଜନା ପାଇପ ଭିତରେ ପଶି ଦୂଷିତ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଏହାର ସମାଧାନ କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

